# NATIONAL NEWS BULLETIN (ODIA)

## 13 October - 2024

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲଜେରିଆ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ପିଏମ୍ ଗତିଶକ୍ତି ଯୋଜନାକୁ ପୁରିଲା ତିନିବର୍ଷ ।

– ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା କ୍ଷେତ୍ରରେ ପିଏମ୍ ଗତିଶକ୍ତିର ଭୂମିକାକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ସାରା ବିଶ୍ୱରେ ଆଜି ପାଳିତ ହେଉଛି ଆନ୍ତର୍ଜାତିକ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ।
- ଆସନ୍ତାକାଲିଠାରୁ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ଆରମ୍ଭ ହେବ ଚତୁର୍ଥ ହକି ଇଣ୍ଡିଆ ସିନିୟର ମହିଳା ଚମ୍ପିଆନସିପ୍ ।

ଏବଂ

- ମହିଳା ଟି-୨୦ ବିଶ୍ୱକପ୍‌ରେ ଆଉ କିଛି ସମୟପରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା

– ଟସ୍ ଜିତି ଅଷ୍ଟ୍ରେଲିଆର ବ୍ୟାଟିଂ ନିଷ୍ପତ୍ତି

# ପ୍ରେଜ୍ - ଫରେନ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନୋଟି ଆଫ୍ରିକୀୟ ରାଷ୍ଟ୍ରକୁ ଗସ୍ତ କରିଛନ୍ତି । ସେହି ତିନୋଟି ଆଫ୍ରିକୀୟ ରାଷ୍ଟ୍ର ହେଉଛି, ଆଲ୍‌ଜେରିଆ, ମୌରିଟାନିଆ ଏବଂ ମାଲାୱି । ଗତବର୍ଷ ଭାରତର ଅଧ୍ୟକ୍ଷତା ସମୟରେ ଆଫ୍ରିକୀୟ ସଂଘ ଜି-୨୦ ସଦସ୍ୟ ରାଷ୍ଟ୍ର ଗୋଷ୍ଠୀରେ ସାମିଲ ହୋଇଥିଲା । ଗସ୍ତ ଅବସରରେ ରାଷ୍ଟ୍ରପତି ଏହି ରାଷ୍ଟ୍ରଗୁଡ଼ିକ ସହ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଲୋଚନା କରିବେ । ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ରାଷ୍ଟ୍ରପତି ଭେଟିବାର କାର୍ଯ୍ୟସୂଚୀ ରହିଛି । ଗସ୍ତର ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତି ଆଜି ରାତିରେ ଆଲ୍‌ଜେରିଆରେ ପହଞ୍ଚିବେ । ସେଠାରେ ସେ ଆଲ୍‌ଜେରିଆ ରାଷ୍ଟ୍ରପତି ଆବଦେଲ ମାଦ୍‌ଜିଦ୍ ତେବୌନେଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଲୋଚନା କରିବେ ।

ଦ୍ୱିତୀୟ ପର୍ଯ୍ୟାୟରେ ମୌରିଟାନିଆ ଗସ୍ତରେ ଯାଇ ସେଠାକାର ରାଷ୍ଟ୍ରପତି ମହମ୍ମଦ ଆଉଦ୍ ଚୈକ୍ ଏଲ୍ ଘାଜୌଆନୀଙ୍କ ସହ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବୈଠକ କରିବେ ।

ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ରାଷ୍ଟ୍ରପତି ଆସନ୍ତା ୧୭ ତାରିଖରେ ମାଲାୱି ଠାରେ ପହଞ୍ଚିବା ପରେ ସେଠାକାର  ରାଷ୍ଟ୍ରପତି ଏବଂ ଅନ୍ୟ ଶୀର୍ଷ ନେତୃବୃନ୍ଦଙ୍କ ସହ ବାଣିଜ୍ୟ ଓ ଶିଳ୍ପ ଆଦି ପ୍ରସଙ୍ଗରେ ଆଲୋଚନା କରିବେ ।

# ପିଏମ୍-ଗତିଶକ୍ତି

ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାକୁ ତିନି ବର୍ଷ ପୂରଣ ହୋଇଛି। ଏହି ଜାତୀୟ ମାଷ୍ଟର ପ୍ଲାନର ତିନି ବର୍ଷ ପୂର୍ତ୍ତିକୁ  ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏହି ପଦକ୍ଷେପ ଭାରତର ଭିତ୍ତିଭୂମିରେ ବିପ୍ଲବ ଆଣିବାରେ ଏକ ପରିବର୍ତ୍ତନକାରୀ ଭାବରେ ଉଭା ହୋଇଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଗତିଶକ୍ତି ବହୁମୁଖୀ ସଂଯୋଗ ସ୍ଥାପନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି, ଯାହାଫଳରେ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ଏବଂ ଅଧିକ ଦକ୍ଷ ବିକାଶକୁ ପ୍ରୋତ୍ସାହନ ମିଳିପାରିଛି। ସେ କହିଛନ୍ତି, ବିଭିନ୍ନ ଅଂଶୀଦାରଙ୍କ ନିରବଚ୍ଛିନ୍ନ ସମନ୍ୱୟ ଯୋଗୁଁ ଏ କ୍ଷେତ୍ରରେ ଦ୍ରବ୍ୟ ପରିବହନ ପରିସୀମା ବୃଦ୍ଧି ପାଇବା ସହ ଅନେକ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହୋଇଛି । ଶ୍ରୀ ମୋଦୀ କହିଛନ୍ତି, ଗତିଶକ୍ତି ସହିତ ଦେଶ ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଅଗ୍ରସର ହେଉଛି ଯାହା ପ୍ରଗତି, ଉଦ୍ୟୋଗ ଏବଂ ଉଦ୍ଭାବନକୁ ପ୍ରୋତ୍ସାହିତ କରିବ ।

# ଡିଜାଷ୍ଟର ରିସ୍କ ରିଡକସନ୍ ଡେ’

ସାରା ବିଶ୍ୱରେ ଆଜି ଆନ୍ତର୍ଜାତିକ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ପାଳନ କରାଯାଉଛି । ସମଗ୍ର ବିଶ୍ୱରେ ବିପର୍ଯ୍ୟୟ ହ୍ରାସ ଏବଂ ବିପଦ ସଚେତନତାର ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ। ଚଳିତ ବର୍ଷର ବିଷୟବସ୍ତୁ ରହିଛି, ଏକ

ସୁଦୃଢ଼ ଭବିଷ୍ୟତ ପାଇଁ ପରବର୍ତ୍ତୀ ପିଢ଼ିକୁ ସଶକ୍ତ କରିବା । ବିପର୍ଯ୍ୟୟମୁକ୍ତ ଭବିଷ୍ୟତ ପାଇଁ ଯୁବପିଢ଼ିଙ୍କୁ ସୁରକ୍ଷା ଓ ସଶକ୍ତ କରିବାରେ ଶିକ୍ଷାର ଭୂମିକା ଉପରେ ଏହି ଅବସରରେ ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷର ପ୍ରାଥମିକ ଲକ୍ଷ୍ୟ ହେଉଛି ପିଲାମାନଙ୍କୁ ଶିକ୍ଷା ମାଧ୍ୟମରେ ସଶକ୍ତ କରିବା ଏବଂ ସେମାନଙ୍କୁ ସୁରକ୍ଷିତ ରଖିବା ଓ ସେମାନଙ୍କ ପରିବାର ତଥା ସମ୍ପ୍ରଦାୟରେ ପରିବର୍ତ୍ତନ ସୂତ୍ରଧର ହେବା।

## ଡବ୍ଲ୍ୟୁବି- ଜୁନିୟର ଡକ୍ଟର ଷ୍ଟ୍ରାଇକ୍

ଆର୍.ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ମାମଲାରେ ପଶ୍ଚିମବଙ୍ଗ ଜୁନିୟର ଡାକ୍ତର ସାମ୍ମୁଖ୍ୟର ୭ ଜଣ ବିକ୍ଷୋଭକାରୀ ଡାକ୍ତର କେନ୍ଦ୍ରୀୟ କୋଲକାତା ମଞ୍ଚରେ ୧୦ ଦଫା ଦାବି ନେଇ ଅନଶନରେ ବସିଛନ୍ତି।

ଆନ୍ଦୋଳନରତ ଡାକ୍ତର ଅନିକେତ ମାହାତୋ ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ଗୁରୁବାର ରାତିରେ ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ସିସିୟୁରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା କୁହାଯାଇଛି। କୋଲକାତାର କେନ୍ଦ୍ରୀୟ ମଞ୍ଚରେ ଗତକାଲି ରାତିରେ ଅନ୍ୟ ଜଣେ ବିକ୍ଷୋଭକାରୀ ଡାକ୍ତର ଅନୁସ୍ତୁପ ମୁଖାର୍ଜୀ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କଲିକତା ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଅନ୍ୟପକ୍ଷରେ ଉତ୍ତରବଙ୍ଗରେ ଆନ୍ଦୋଳନରତ ଦୁଇ ଜଣ କନିଷ୍ଠ ଡାକ୍ତରଙ୍କ ମଧ୍ୟରୁ ଜଣେ ଡାକ୍ତର ଆଲୋକ ବର୍ମାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ନର୍ଥବେଙ୍ଗଲ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଏବେ ମାତ୍ର ଜଣେ ଡାକ୍ତର ଅନଶନରେ ଅଛନ୍ତି । ବିକ୍ଷୋଭରତ କନିଷ୍ଠ ଡାକ୍ତରଙ୍କ ସମର୍ଥନରେ ପଶ୍ଚିମବଙ୍ଗର ମିଳିତ ଡାକ୍ତର ସଂଘ ପକ୍ଷରୁ ଆସନ୍ତାକାଲି ସକାଳ ୬ଟାରୁ ୪୮ ଘଣ୍ଟିଆ କାର୍ଯ୍ୟବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ତେବେ ଜରୁରୀକାଳୀନ ସେବାକୁ ଏଥିରୁ ବାଦ୍ ଦିଆଯିବ ବୋଲି ଜଣାପଡ଼ିଛି ।

ଭାରତୀୟ ମେଡିକାଲ ସଂଘର  ପଶ୍ଚିମବଙ୍ଗ ଶାଖା ପକ୍ଷରୁ ଆଜି ପ୍ରତୀକାତ୍ମକ ଅନଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟପକ୍ଷରେ ଆର୍ ଜି କର ପୀଡ଼ିତାଙ୍କ ପିତାମାତା ମଧ୍ୟ 'ନୋ-କୁକ୍' ଦିବସ ପାଳନ କରୁଛନ୍ତି । ବିଜେପି ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି, ମମତା ବାନାର୍ଜୀ ସରକାରଙ୍କ ବିରୋଧରେ ଚାଲିଥିବା ଆନ୍ଦୋଳନରେ ପଶ୍ଚିମବଙ୍ଗ ବିଜେପି ଜୁନିୟର ଡାକ୍ତର ମେଣ୍ଟକୁ ପୂର୍ଣ୍ଣ ସମର୍ଥନ କରୁଛି ।

## ମହା- ଶରଦ ପାୱାର

ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏସ୍‌ପି) ମୁଖ୍ୟ ଶରଦ ପାୱାର ଆଜି କହିଛନ୍ତି, ମହାରାଷ୍ଟ୍ରର ଜନତା ଏକ ରାଜନୈତିକ ପରିବର୍ତ୍ତନ ପାଇଁ ଆଗ୍ରହୀ ଏବଂ ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳରେ ଏହି

ଭାବନା ପ୍ରତିଫଳିତ ହେବ। ମୁମ୍ବାଇରେ ମହାବିକାଶ ଅଗାଡ଼ି ମେଣ୍ଟର ମିଳିତ ସାମ୍ବାଦିକ ସମ୍ମିଳନୀରେ ସେ ଏହା କହିଛନ୍ତି।

ଶ୍ରୀ ପାୱାର ଦାବି କରିଛନ୍ତି, ଏକଦା ଦେଶର ଶ୍ରେଷ୍ଠ ବିବେଚନା କରାଯାଉଥିବା ରାଜ୍ୟ ପ୍ରଶାସନ ମହାୟୁତି ଶାସନରେ ନିରାଶ ହୋଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତି, ମହିଳା ସୁରକ୍ଷା, ଦୁର୍ନୀତି, ନିଶାଦ୍ରବ୍ୟ, କୃଷକ ଆତ୍ମହତ୍ୟା, ପ୍ରଶ୍ନପତ୍ର ପ୍ରଘଟ, ବେକାରୀ ସମସ୍ୟା ଓ ମହାରାଷ୍ଟ୍ରରୁ ଶିଳ୍ପ ସ୍ଥାନାନ୍ତର ଭଳି ବିଭିନ୍ନ ପ୍ରସଙ୍ଗରେ ମହାବିକାଶ ଅଗାଡ଼ି ମେଣ୍ଟ ଶାସକ ମହାୟୁତି ସରକାରଙ୍କୁ ସମାଲୋଚନା କରିଛି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚୌହାନ, ଏନସିପିର କାର୍ଯ୍ୟକାରୀ ସଭାପତି ସାଂସଦ ସୁପ୍ରିୟା ସୁଲେ, ଶିବସେନାର ବରିଷ୍ଠ ନେତା ସଞ୍ଜୟ ରାଉତ ଓ ଆଦିତ୍ୟ ଠାକରେ, ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପଟୋଲେ, ବିଧାନସଭାରେ ବିରୋଧୀ ଦଳ ନେତା ବିଜୟ ୱାଡେଟ୍ଟିୱାର ଏବଂ କଂଗ୍ରେସ ନେତ୍ରୀ ତଥା ସାଂସଦ ବର୍ଷା ଗାଇକୱାଡ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଦଶହରା

ଓଡ଼ିଶାରେ ଆଜି ଲୋକେ ଦଶହରା ପର୍ବ ପାଳନ କରୁଥିବାରୁ ରାଜ୍ୟରେ ଉତ୍ସବର ବାତାବରଣ ସୃଷ୍ଟି ହୋଇଛି। ମା' ଦୁର୍ଗାଙ୍କ ଦର୍ଶନ ପାଇଁ ପୂଜା ମଣ୍ଡପରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଏକତ୍ରୀତ ହୋଇଛନ୍ତି।

ମଣ୍ଡପରେ ମା’ ଦୁର୍ଗାଙ୍କ ସୁରୁଖୁରୁରେ ଦର୍ଶନ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଦଶହରା ଅବସରରେ ରାଜଧାନୀ ଭୁବନେଶ୍ୱର ଓ ପଡ଼ୋଶୀ କଟକ ସମେତ ଅନେକ ଦୁର୍ଗାପୂଜା କମିଟି ପକ୍ଷରୁ ଆଜି ରାବଣ ପୋଡ଼ି ଆୟୋଜନ କରାଯାଇଛି। ଏହି ପର୍ବ ରାକ୍ଷସ ରାଜା ରାବଣଙ୍କ ଉପରେ ଭଗବାନ ରାମଙ୍କ ବିଜୟକୁ ସୂଚିତ କରୁଛି। ଯାହା ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ଅଟେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କେନ୍ଦୁଝର ଜିଲ୍ଲା ରାଇକେଲାସ୍ଥିତ ପୈତୃକ ବାସଭବନରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରି ଦଶହରା ପାଳନ କରିଛନ୍ତି।

## ତେଲଙ୍ଗାନା- ଅଲାଇବଲାଇ

ତେଲେଙ୍ଗାନାରେ ଦଶହରା ମହୋତ୍ସବର ଗୋଟିଏ ଦିନ ପରେ ଆଜି ହାଇଦ୍ରାବାଦରେ ଅଲାଇ ବଲାଇ ଉତ୍ସବ ଅନୁଷ୍ଠିତ ହେଉଛି। ମହୋତ୍ସବ ମାଧ୍ୟମରେ ଏକତାକୁ ପ୍ରୋତ୍ସାହିତ କରିବା ଏବଂ ସାଂସ୍କୃତିକ ଐତିହ୍ୟକୁ ଅକ୍ଷୁଣ୍ଣ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅଲାଇ ବଲାଇ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ତେଲେଙ୍ଗାନା, ଉତ୍ତରାଖଣ୍ଡ, ରାଜସ୍ଥାନ, ମେଘାଳୟ ସମେତ ବିଭିନ୍ନ ରାଜ୍ୟର ରାଜ୍ୟପାଳ ଏବଂ ପୂର୍ବତନ ଉପରାଷ୍ଟ୍ରପତି ଏମ୍.ଭେଙ୍କେୟା ନାଇଡୁ ଯୋଗ ଦେଇଥିଲେ। ହରିୟାଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ୨୦୦୫

ମସିହାରେ ତେଲେଙ୍ଗାନା ସଂସ୍କୃତିକୁ ପ୍ରତିଫଳିତ କରି ଅଲାଇ ବଲାଇ ଉତ୍ସବ ପାଳନ ଆରମ୍ଭ କରିଥିଲେ। ସେବେଠାରୁ ଦଶହରା ପର୍ବର ଗୋଟିଏ ଦିନ ପରେ ଅଲାଇ ବଲାଇ ପାଳନ ପୂର୍ବକ ସମସ୍ତଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବା ଲାଗି ଉଦ୍ୟମ କରାଯାଉଛି।

ଏହି ଅବସରରେ ପୂର୍ବତନ ଉପରାଷ୍ଟ୍ରପତି ଏମ୍ ଭେଙ୍କେୟା ନାଇଡୁ କହିଛନ୍ତି, ବର୍ତ୍ତମାନ ସମୟରେ ଆମ ଭିତରେ ଏକତା ଅତ୍ୟନ୍ତ ଆବଶ୍ୟକ ଏବଂ ଅଲାଇ ବଲାଇ ଭଳି ଉତ୍ସବ, ସଂସ୍କୃତି ଓ ଐତିହ୍ୟ ଏହାକୁ ଆଗକୁ ନେବାରେ ସହାୟକ ହେବ। ପର୍ବପର୍ବାଣୀ ପରିବାର, ସମାଜ ଓ ଦେଶକୁ ଏକାଠି କରିବ ବୋଲି ଶ୍ରୀ ନାଇଡୁ ଭବିଷ୍ୟତ ପିଢ଼ି ପାଇଁ ଏଭଳି ଐତିହ୍ୟର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ତେଲେଙ୍ଗାନା ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା କହିଛନ୍ତି, ଅଲାଇ ବଲାଇ ତେଲେଙ୍ଗାନା ରାଜ୍ୟର ସାଂସ୍କୃତିକ ପ୍ରଗତିକୁ ପ୍ରତିଫଳିତ କରୁଛି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ଅଲାଇ ବାଲାଇର ପରମ୍ପରାକୁ ବଜାୟ ରଖିବା ଲାଗି ଦତ୍ତାତ୍ରେୟଙ୍କ ଅକ୍ଲାନ୍ତ ପ୍ରୟାସକୁ ପ୍ରଶଂସା କରିଛନ୍ତି।

## ଏଫ୍‌ପିଆଇ

ଇସ୍ରାଏଲ ଓ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ସଂଘର୍ଷ, ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଚୀନ୍ ବଜାରର ଦୃଢ଼ ପ୍ରଦର୍ଶନ ଯୋଗୁଁ ଚଳିତ ମାସ

୧ରୁ ୧୧ ତାରିଖ ମଧ୍ୟରେ ବିଦେଶୀ ନିବେଶକମାନେ ଏପର୍ଯ୍ୟନ୍ତ ୫୮ ହଜାର ୭୧୧ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି।

ସେପ୍ଟେମ୍ବରରେ ୯ ମାସର ସର୍ବାଧିକ ନିବେଶ ୫୭ ହଜାର ୭୨୪ କୋଟି ଟଙ୍କା ହେବା ପରେ ନିବେଶକମାନେ ଏହି ଅର୍ଥ ରାଶି ପ୍ରତ୍ୟାହାର କରିଛନ୍ତି। ଗତ ଏପ୍ରିଲ-ମେ' ମାସରେ ନିବେଶକମାନେ ୩୪ ହଜାର ୨୫୨ କୋଟି ଟଙ୍କା ପ୍ରତ୍ୟାହାର କରିବା ପରେ ଜୁନ୍ ମାସରୁ ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ଅଂଶଧନ କ୍ରୟ କରିଥିଲେ।

## ଇମାନୁଏଲ ମାକ୍ରନ-ଲେବାନନ୍

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ଗତକାଲି ଲେବାନନରେ ତୁରନ୍ତ ଅସ୍ତ୍ରବିରତି ପାଇଁ ଆହ୍ୱାନ ଦେଇଛନ୍ତି। ଲେବନାନ ସଂସଦର ବାଚସ୍ପତି ନଭି ବେରିଙ୍କ ସହ ଫୋନ୍ ବାର୍ତ୍ତାଳାପ ସମୟରେ ଶ୍ରୀ ମାକ୍ରୋନ ଅନ୍ତ୍ରବିରତି ଉପରେ ଗୁରୁତ୍ୱ ଦେଇ କହିଛନ୍ତି, ଲେବାନନରେ ତୁରନ୍ତ ଅସ୍ତ୍ରବିରତି ଲାଗୁ ହେବା ଆବଶ୍ୟକ । ଲେବନାନରେ ଇସ୍ରାଏଲର ଆକ୍ରମଣ ତୀବ୍ର ହେବା ଏବଂ ସାଧାରଣ ନାଗରିକଙ୍କ ଉପରେ ଏହାର ଦୁଃଖଦ ପ୍ରଭାବକୁ ନେଇ ମଧ୍ୟ ଶ୍ରୀ ମାକ୍ରୋନ୍ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶ୍ରୀ ବେରିଙ୍କ ସହ କଥାବାର୍ତ୍ତା ବେଳେ ଶ୍ରୀ ମାକ୍ରୋନ୍ ସ୍ଥିରତା ଏବଂ ଏକତା ପାଇଁ ଲେବନାନବାସୀଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଛନ୍ତି।

ଚଳିତ ମାସ ୨୪ ତାରିଖରେ ପ୍ୟାରିସରେ ହେବାକୁ ଥିବା ଆନ୍ତର୍ଜାତିକ ସମ୍ମିଳନୀ ମାଧ୍ୟମରେ ଅନ୍ତର୍ଜାତୀୟ ସମୁଦାୟକୁ ଏକଜୁଟ କରିବା ଜାରି ରଖିବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ନିଶ୍ଚିତ କରିଛନ୍ତି। ଲେବନାନରେ ମିଳିତ ଜାତିସଂଘର ଅନ୍ତରୀଣ ବାହିନୀ ପ୍ରତି ଫ୍ରାନ୍ସର ପ୍ରତିବଦ୍ଧତାକୁ ମଧ୍ୟ ଶ୍ରୀ ମାକ୍ରୋନ୍ ଦୋହରାଇଛନ୍ତି ଏବଂ ସାମ୍ପ୍ରତିକ ଦିନରେ ଜାତିସଂଘ ଶାନ୍ତିରକ୍ଷୀମାନଙ୍କ ଉପରେ ଅଯଥା ଆକ୍ରମଣ କରାଯାଇଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ହକି

ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ଆସନ୍ତାକାଲିଠାରୁ ଚତୁର୍ଥ ହକି ଇଣ୍ଡିଆ ସିନିୟର ମହିଳା ଆନ୍ତଃବିଭାଗୀୟ ଜାତୀୟ ଚାମ୍ପିୟନଶିପ୍ ଆରମ୍ଭ ହେବ।  ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଦଳକୁ ୪ଟି ପୁଲରେ ଭାଗ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଲିଗ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ନିଜ ନିଜ ପୁଲରେ ଅନ୍ୟ ସମସ୍ତ ଦଳ ବିପକ୍ଷରେ ଖେଳିବେ।

# ମହିଳା କ୍ରିକେଟ ବିଶ୍ୱକପ୍

ମହିଳା ଟି-୨୦ ବିଶ୍ୱକପ୍‌ରେ ଆଜି ଅନୁଷ୍ଠିତ ଗ୍ରୁପ୍-ବି'ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ସ୍କଟଲାଣ୍ଡକୁ ୧୦ ଓ୍ୱିକେଟ୍‌ରେ ପରାସ୍ତ କରିଛି। ଟସ୍

ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ସ୍କଟଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୦୯ ରନ୍ ସ୍କୋର କରିଥିଲେ। ଏହାର ଜବାବରେ ଇଂଲଣ୍ଡ ମାତ୍ର ୧୦ ଓଭରରେ କୌଣସି ୱିକେଟ ନ ହରାଇ ବିଜୟ ହାସଲ କରିଛି।

ଗ୍ରୁପ୍ -ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ଭାରତୀୟ ସମୟ ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଶାରଜାଠାରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଛି।

ଗ୍ରୁପ୍ 'ଏ'ରେ ନ୍ୟୁଜିଲାଣ୍ଡ ଭାରତ ସହ ଦ୍ୱିତୀୟ ସେମିଫାଇନାଲ୍ ଦୌଡ଼ରେ ରହିଛି। ଉଭୟ ଦଳର ୪ ପଏଣ୍ଟ ଲେଖାଏଁ ରହିଛି। ଯଦିଓ ନ୍ୟୁଜିଲାଣ୍ଡ ନେଟ୍ ରନ୍ ରେଟ୍ ଆଧାରରେ ଭାରତଠାରୁ ପଛରେ ରହିଛି।

ଗ୍ରୁପ୍ -ବି'ରେ ଦକ୍ଷିଣ ଆଫ୍ରିକା ୬ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ବେଳେ ୱେଷ୍ଟଇଣ୍ଡିଜ୍ ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି।

ପୁରୁଷ କ୍ରିକେଟରେ ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ପ୍ରଥମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ମଧ୍ୟ ଆଜି ଶ୍ରୀଲଙ୍କାର ଦାମ୍ବୁଲାଠାରେ ଖେଳାଯିବ। ସନ୍ଧ୍ୟା ୭ଟାରୁ ଆରମ୍ଭ ଏହି ମ୍ୟାଚ୍ ଆରମ୍ଭ ହେବାର ଥିଲା। କିନ୍ତୁ ବର୍ଷା

ଯୋଗୁଁ ପଡ଼ିଆ ଓଦା ଥିବାରୁ ବିଳମ୍ବରେ ଖେଳ ଆରମ୍ଭ ହେବାର ସମ୍ଭାବନା ରହିଛି।